## ସଂକ୍ଷେପରେ

### ପୋଖରୀରୁ ବୃଦ୍ଧଙ୍କ ମୃତଦେହ ଜବତ

କାମାକ୍ଷାନଗର,୨୪।୯(ଅମଜାଦ ଖାନ୍)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବାଙ୍ଗୁରା ଗ୍ରାମର ରଘୁଆ ଖଟୁଆ (୬୯)ଙ୍କ ମୃତଦେହ ରବିବାର ପୋଲିସ ପୋଖରୀରୁ ଜବତ କରିଛି। ପୋଲିସ କହିଛି, ରଘୁଆ ଶନିବାର ଗାଈ ଚରାଇବାକୁ ଯାଇ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ସୁଦ୍ଧା ତାଙ୍କର କୌଣସି ପତ୍ତା ପାଇ ନ ଥିଲେ। ରବିବାର ସକାଳେ ବାଙ୍ଗୁରା ପୋଖରୀରେ ତାଙ୍କ ଚପଲ ଭାସୁଥିବା ଗ୍ରାମବାସୀ ଦେଖି ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ପୋଖରୀରୁ ରଘୁଆଙ୍କ ମୃତଦେହ ଉଦ୍ଧାର କରିଥିଲେ। ଖବରପାଇ କାମାକ୍ଷାନଗର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ପାର୍ବଣ ପାଇଁ ଜୋରଦାର ଚେକିଂ

କାମାକ୍ଷାନଗର,୨୪।୯
(ସୁଧୀର କୁମାର ପରିଡ଼ା)

ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ରବିବାରଠାରୁ କାମାକ୍ଷାନଗର ପୋଲିସ ତରଫରୁ ଆରମ୍ଭ ହୋଇଛି ଜୋରଦାର ଚେକିଂ। ସହରର ପ୍ରମୁଖ ବଜାର ଓ ଛକରେ ପୋଲିସ ତରଫରୁ ଯାଞ୍ଚ କରାଯିବା ସହ ଲୋକମାନଙ୍କୁ ସଚେତନ କରାଯାଉଛି। ବିଶେଷକରି ନିଶା ସେବନ କରି ଗାଡି ଚଳାଇବା, ସହର ମଧ୍ୟରେ ଅଧିକ ସ୍ପିଡ୍‌ରେ ଯାତାୟାତ କରୁଥିବା ଯୁବଗୋଷ୍ଠୀ ଏବଂ ବାଇକ୍‌ରେ ୩ ଜଣିଆ ଯିବା ଆସିବା କରୁଥିବା ଲୋକଙ୍କ ଉପରେ ପୋଲିସ ନଜର ରଖିଛି। ପାର୍ବଣ ଋତୁ ଆରମ୍ଭ ହୋଇଥିବା ଯୋଗୁ ଗାଁଠୁ ସହର ସବୁଠି ଭିଡ଼ ପରିଲକ୍ଷିତ ହେଉଥିବାବେଳେ ପୋଲିସ ତରଫରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ଆଗାମୀଦିନରେ ସହରର ପ୍ରମୁଖ ସ୍ଥାନରେ ଚେକିଂ କଡାକଡି କରାଯିବ ବୋଲି କାମାକ୍ଷାନଗର ଏସ୍‌ଡିପିଓ ପ୍ରଭାତ କୁମାର ତ୍ରିପାଠୀ ପ୍ରକାଶ କରିଛନ୍ତି।



ଢେଙ୍କାନାଳ ଷ୍ଟେଶନଠାରେ ବନ୍ଦେ ଭାରତ ଏକ୍ସପ୍ରେସ ପହଞ୍ଚିବା ପରେ ଅପେକ୍ଷାରତ ଜନସାଧାରଣ, ରାଜନେତାଙ୍କ ମଧ୍ୟରେ ଉତ୍ସାହ।




ଅନୁଗୋଳ ରେଳ ଷ୍ଟେଶନଠାରେ ବନ୍ଦେ ଭାରତ ଏକ୍ସପ୍ରେସ୍ ସହ ସେଲ୍‌ଫି ନେଉଛନ୍ତି ସହରବାସୀ।

# ଅଞ୍ଚଳ ପାଇଁ ଆନନ୍ଦର ମୁହୂର୍ତ୍ତ: ଧର୍ମେନ୍ଦ୍ର

**ଢେଙ୍କାନାଳ, ଅନୁଗୋଳ ଦେଇ ଗଡ଼ିଲା ବନ୍ଦେ ଭାରତ ଏକ୍ସପ୍ରେସ**

ଢେଙ୍କାନାଳ, ୨୪।୯ (ରତନ ନାୟାର)/ ଅନୁଗୋଳ(ଅମିତ କୁମାର ସାମଲ)

ଢେଙ୍କାନାଳ, ଅନୁଗୋଳ ଦେଇ ବନ୍ଦେ ଭାରତ ଏକ୍ସପ୍ରେସ୍ ଗଡ଼ିବା ଏ ଅଞ୍ଚଳ ପାଇଁ ଆନନ୍ଦର ମୁହୂର୍ତ୍ତ। ଏହାଦ୍ୱାରା ଅନୁଗୋଳ, ତାଳଚେର, ଢେଙ୍କାନାଳ ଓ ସମ୍ବଲପୁରବାସୀ ବହୁ ସୁବିଧା ପାଇପାରିବେ। ପୂର୍ବରୁ ଗତ ମେ ମାସରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରଥମେ ପୁରୀ-ହାୱଡା ବନ୍ଦେ ଭାରତ ଟ୍ରେନର ଲୋକାର୍ପଣ ହୋଇଥିଲା। ରବିବାର ଦ୍ୱିତୀୟ ବନ୍ଦେ ଭାରତ ଟ୍ରେନ ପୁରୀରୁ ଢେଙ୍କାନାଳ-ଅନୁଗୋଳ ଦେଇ ରାଉରକେଲା ପର୍ଯ୍ୟନ୍ତ ଶୁଭାରମ୍ଭ ହୋଇଛି। ମୋଦି ସରକାର ଆସିବା ପରେ ଓଡ଼ିଶାର ରେଳ କ୍ଷେତ୍ରରେ ସର୍ବାଙ୍ଗୀନ ବିକାଶ ହେଉଛି। ଏହା ଓଡ଼ିଶା ପ୍ରତି ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି। ରବିବାର ଢେଙ୍କାନାଳ ଓ ଅନୁଗୋଳରେ ବନ୍ଦେ ଭାରତ ଏକ୍ସପ୍ରେସ୍‌କୁ ସ୍ୱାଗତ କରିବା ଅବସରରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି।

ଓଡ଼ିଶାକୁ ମିଳିଥିବା ଦ୍ୱିତୀୟ ବନ୍ଦେ ଭାରତ ଏକ୍ସପ୍ରେସ୍‌ର ଶୁଭାରମ୍ଭ କାର୍ଯ୍ୟକ୍ରମ ପରେ ସେହି ଟ୍ରେନ୍ ଯୋଗେ ଆସି କେନ୍ଦ୍ରମନ୍ତ୍ରୀ ପ୍ରଧାନ ପ୍ରଥମେ ଢେଙ୍କାନାଳ ଓ ପରେ ତାଳଚେର ଏବଂ ଅନୁଗୋଳରେ ପହଞ୍ଚିଥିଲେ। ଏହି ଅବସରରେ ଢେଙ୍କାନାଳ, ଅନୁଗୋଳ ଓ ତାଳଚେରଠାରେ ମାତୃଶକ୍ତିଙ୍କ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ, ବିଶ୍ୱକର୍ମା ପୂଜା ଅବସରରେ ପିଏମ୍ ବିଶ୍ୱକର୍ମା ଯୋଜନା ଆରମ୍ଭ ହୋଇଛି। ସମାଜର ବଞ୍ଚିତ ବର୍ଗରୁ ପ୍ରତିନିଧିତ୍ୱ କରୁଥିବା ଶିଳ୍ପୀ, କାରିଗର, କମାର, ବଣିଆ, କୁମ୍ଭାର, ମୂର୍ତ୍ତିକାର, ମୋଚି, ରାଜମିସ୍ତ୍ରି, ଧୋବା ଭଳି ପାରମ୍ପରିକ ବୃତ୍ତିରେ ନିୟୋଜିତ ଲୋକମାନଙ୍କୁ ପରିଚୟପତ୍ର ସହ ପ୍ରଶିକ୍ଷଣ ଦିଆଯିବ। ୧୫ ହଜାର ଟଙ୍କା କିଟ ଓ ଅନ୍ୟ ଆର୍ଥିକ ସହଯୋଗ ମିଳିବ। ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ଗ୍ୟାରେଣ୍ଟିରେ କମ୍ ସୁଧରେ ଋଣ ମିଳିବ। ସେହିପରି ନୂଆ ସଂସଦ ଭବନରେ ଐତିହାସିକ ମହିଳା ସଂରକ୍ଷଣ ସମ୍ବିଧାନ ସଂଶୋଧନ ବିଲ୍ ତଥା 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ଗୃହୀତ ହୋଇଛି। ଦେଶର ମହିଳାମାନଙ୍କୁ ବିଧାନସଭା ଓ ଲୋକ ସଭା ଆସନରେ ୩୩ ପ୍ରତିଶତ ସଂରକ୍ଷଣ ଦେବା ପାଇଁ ଏହି ବିଲ୍ ପାରିତ ହୋଇଛି। ମୋଦି ସରକାର ଏପରି ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି। 'ନାରୀ ଶକ୍ତି ବନ୍ଦନ ଅଧିନିୟମ', ପିଏମ୍ ବିଶ୍ୱକର୍ମା ଯୋଜନା ଓ ଅନୁଗୋଳ, ତାଳଚେର ଏବଂ ଢେଙ୍କାନାଳରେ ବନ୍ଦେ ଭାରତ ଏକ୍ସପ୍ରେସ ଚଳାଚଳ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛି ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ ପ୍ରକାଶ କରିଥିଲେ। ବନ୍ଦେ ଭାରତ ଏକ୍ସପ୍ରେସ୍ ଅପରାହ୍ନ ସାଢେ ୨ଟାରେ ଢେଙ୍କାନାଳରେ ପହଞ୍ଚିଥିଲା। ସେଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟ୍ରେନ୍‌କୁ ସ୍ୱାଗତ କରିଥିଲେ। ଏହି ଏକ୍ସପ୍ରେସ୍ ଦେଖିବାକୁ ଷ୍ଟେଶନରେ ଶତାଧିକ ଲୋକଙ୍କ ସମାଗମ ହୋଇଥିଲା। ସେହିପରି ଢେଙ୍କାନାଳର ବିଭିନ୍ନ ସଙ୍ଗଠନ ସମେତ ଜନସାଧାରଣ ବନ୍ଦେ ଭାରତ ଏକ୍ସପ୍ରେସ୍‌କୁ ସ୍ୱାଗତ କରିବା ସହ କେନ୍ଦ୍ରମନ୍ତ୍ରୀଙ୍କୁ ମଧ୍ୟ ସ୍ୱାଗତ କରିଥିଲେ। ଭାଜପା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ଜିଲା ଭାଜପା ସଭାପତି ନରେଶଚନ୍ଦ୍ର ମହାପାତ୍ର, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ବରିଷ୍ଠ ନେତା ନିରୋଜ ନଳିନୀ ମହାଲିକ, ନବକିଶୋର ଗୁରୁ, ମାତୃ ପ୍ରସାଦ ନନ୍ଦ, ସୁନୀଲ ଶର୍ମା, ମହିମା ଯଶୋବନ୍ତ, ଭାରତୀ ସ୍ୱାଇଁ, ରତ୍ନପ୍ରଭା ପଣ୍ଡାଙ୍କ ସମେତ ବହୁ ନେତୃବୃନ୍ଦ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ଅନୁଗୋଳ ଷ୍ଟେଶନଠାରେ ଅପରାହ୍ନ ସାଢ଼େ ୩ଟାରେ ଏହି ଏକ୍ସପ୍ରେସ୍ ପହଞ୍ଚି ଥିଲା। ସେଠାରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଏହି ଟ୍ରେନ୍‌ରେ ଆସିଥିବା ପୂର୍ବତଟ ରେଳପଥ ମହାପ୍ରବନ୍ଧକ କେ.କେ. ଶର୍ମା, ଖୋର୍ଦ୍ଧାରୋଡ ଡିଆର୍‌ଏମ୍ ଏଚ୍.ଏସ୍. ବାଜୱା ପ୍ରମୁଖ ଅନୁଗୋଳରେ ପହଞ୍ଚିଥିଲେ। ସେଠାରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଫୁଲ ପକାଇ ବନ୍ଦେ ଭାରତ ଏକ୍ସପ୍ରେସ୍‌କୁ ସ୍ୱାଗତ କରିଥିଲେ। ଏହି ଏକ୍ସପ୍ରେସ୍‌କୁ ଦେଖିବାକୁ ଓ ଟ୍ରେନ୍ ସହ ସେଲ୍‌ଫି ଉଠାଇବାକୁ ଷ୍ଟେଶନରେ ପ୍ରବଳ ଗହଳି ହୋଇଥିଲା। ସେହିପରି ବନ୍ଦେ ଭାରତ ଏକ୍ସପ୍ରେସ୍‌କୁ ସ୍ୱାଗତ କରିବା ପାଇଁ ଷ୍ଟେଶନଠାରେ ପୂର୍ବରୁ ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରା, ଭାଜପାର ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ଅଗସ୍ତି ବେହେରା, ଜିଲା ଭାଜପା ସଭାପତି ଡିଲେଶ୍ୱର ପ୍ରଧାନ, କାଉନସିଲର ସରିତା ମିଶ୍ର ଉପସ୍ଥିତ ଥିଲେ।



ଢେଙ୍କାନାଳ ଷ୍ଟେଶନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।

## କାର୍ଯ୍ୟକ୍ରମକୁ ଏମ୍‌ପିଙ୍କ ବର୍ଜନ

ଢେଙ୍କାନାଳ,୨୪।୯(ରତନ ନାୟାର)

ଢେଙ୍କାନାଳ ଦେଇ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ ରବିବାରଠାରୁ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମକୁ ରେଳ ବିଭାଗ ପକ୍ଷରୁ ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କୁ ନିମନ୍ତ୍ରଣ କରାଯାଇଥିଲେ ମଧ୍ୟ ସେ କାର୍ଯ୍ୟକ୍ରମକୁ ବର୍ଜନ କରିଛନ୍ତି। ବନ୍ଦେ ଭାରତ ଏକ୍ସପ୍ରେସ୍ ଚଳାଚଳକୁ ନେଇ ଏମ୍‌ପି କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେଇଥିଲେ ହେଁ ଢେଙ୍କାନାଳ, ଅନୁଗୋଳ, ତାଳଚେର ରେଳଯାତ୍ରୀଙ୍କ ସମସ୍ୟାର ସମାଧାନ ପାଇଁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଏହାର ପ୍ରତିବାଦରେ ସେ କାର୍ଯ୍ୟକ୍ରମ ବର୍ଜନ କରିଛନ୍ତି ବୋଲି ଜଣାଇଛନ୍ତି। ଯେଉଁଦିନ ସମସ୍ତ ସମସ୍ୟାର ସମାଧାନ କରାଯିବ, ଏହାପରଠାରୁ ସେ କାର୍ଯ୍ୟକ୍ରମ ଗୁଡିକରେ ଯୋଗଦେବେ ବୋଲି କହିଛନ୍ତି। ଢେଙ୍କାନାଳ ଲୋକ ସଭା କ୍ଷେତ୍ରରେ କେନ୍ଦ୍ର ସରକାର ତାଳଚେର-ଅନୁଗୋଳ ଲୁପ ଲାଇନ ଟ୍ରେନ୍ ଚଳାଇଲେ ନାହିଁ। ସେହିପରି ତାଳଚେରକୁ ଆସୁଥିବା ଟ୍ରେନକୁ ବନ୍ଦ କରିବା ଏବଂ କଟକରେ ଟ୍ରେନ୍‌କୁ ୩ଘଣ୍ଟା ପକାଇ ରଖିବା ସହିତ ଢେଙ୍କାନାଳ-ଶ୍ୟାମାଚରଣପୁର ପସେଞ୍ଜର ହଲ୍‌ଟର ଉନ୍ନତୀକରଣ କରା ନ ଯିବା ଆଦି ସମସ୍ୟାକୁ ନେଇ ଏହି କାର୍ଯ୍ୟକ୍ରମକୁ ବର୍ଜନ କରିଥିବା ଏମ୍‌ପି ସୂଚନା ଦେଇଛନ୍ତି।

## ଦାବି ପୂରଣ ନ ହେଲେ ଆମରଣ ଅନଶନ

ଢେଙ୍କାନାଳ,୨୪।୯(ରତନ ନାୟାର)

ଢେଙ୍କାନାଳ ବଳରାମ ମନ୍ଦିର ପରିସରରେ ନୂତନ ଅନୁଦାନପ୍ରାପ୍ତ ଅବସର ଗ୍ରହଣ କରିଥିବା ଶିକ୍ଷକ, କର୍ମଚାରୀ ଏବଂ କାର୍ଯ୍ୟକର୍ତ୍ତା ଶିକ୍ଷକ, କର୍ମଚାରୀଙ୍କ ଏକ ଜରୁରୀ ବୈଠକ ସଭାପତି ଅମରେନ୍ଦ୍ର ନାଥ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବିଧାନସଭା ଅଧିବେଶନ ବେଳେ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀମାନେ ସେମାନଙ୍କର ବହୁ ବର୍ଷର ଦାବି ଚାକିରି ସର୍ତ୍ତାବଳୀ ସହ ପେନ୍‌ସନ୍ ପ୍ରଦାନ ପାଇଁ ଗଣ ଧାରଣା, ଆମରଣ ଅନଶନ କରିବାକୁ ବୈଠକରେ ନିଷ୍ପତ୍ତି ନେଇଥିଲେ। ବୈଠକରେ ଶିକ୍ଷକ ନେତା ସଞ୍ଜୟ କୁମାର ହୋତା, ଯୁଗଳ କିଶୋର ପାଣି, ମଧୁସୂଦନ ରାଉତ, ଅଶେଷ କୁମାର ମହାପାତ୍ର, ବିନୋଦ କୁମାର ସାହୁ, ବିଜୟ କୁମାର ସାମଲ, ବିଜୟ କେତନ ନାୟକ ଯୋଗଦେଇ ରାଜ୍ୟ ସରକାରଙ୍କ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ସହ ଶିକ୍ଷକଙ୍କ ଦାବିପତ୍ର ପ୍ରତି କର୍ଣ୍ଣପାତ ନକରି କାଳ କ୍ଷେପଣ ନୀତି ପୋଷଣ କରୁଥିବାରୁ ସରକାରଙ୍କୁ ସମାଲୋଚନା କରିଥିଲେ। ଅଜୟ କୁମାର ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ।



ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

## ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ପରିଦର୍ଶନ



ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାପରିଦର୍ଶନ ବେଳେ ପର୍ଯ୍ୟବେକ୍ଷକଙ୍କ ସହିତ ଉପସ୍ଥିତ ଗ୍ରାମବାସୀ।

ଢେଙ୍କାନାଳ,୨୪।୯(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ଶଙ୍କରପୁର ପଞ୍ଚାୟତର ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାକୁ ପର୍ଯ୍ୟବେକ୍ଷକ ସୁଜାତା ମହାପାତ୍ର ରବିବାର ପରିଦର୍ଶନ କରିଛନ୍ତି। ଏହି ଯୋଜନାରେ ପଥରଗଡା ଠାରୁ ପର୍ବତିଆ ଯାଏ ୩ କୋଟି ୭୮ଲକ୍ଷ ୨୭ ହଜାର ୮୬୬ ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ ହୋଇଛି। ଏହି ଅବସରରେ ଗ୍ରାମବାସୀଙ୍କ ତରଫରୁ ନୂଆ ରାସ୍ତାରେ ଏକ ପୋଲ ନିର୍ମାଣ କରିବାକୁ ପର୍ଯ୍ୟବେକ୍ଷକ ମହାପାତ୍ରଙ୍କୁ ଅନୁରୋଧ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ରବୀନ୍ଦ୍ର କୁମାର ବେହେରା, ଗ୍ରାମ ଉନ୍ନୟନ ଅଧିକାରୀ ଦେବାଶିଷ ମହାନ୍ତି, ସହକାରୀ ଯନ୍ତ୍ରୀ ସୌମ୍ୟରଞ୍ଜନ ବେହେରା, ୱାର୍ଡ ମେମ୍ବର ବିନୋଦିନୀ ନାଏକ, ଗ୍ରାମ ସଭାପତି ଅରକ୍ଷିତ ନାଏକ, ମାନସ ନାଏକ, ପ୍ରକାଶ ନାଏକ, ସ୍ଥାନୀୟ ସମିତିସଭ୍ୟ ନୀଳମଣି ରାଉତ, ସୁଶାନ୍ତ ସାହୁ, ନଳିନୀ ନାଏକ, ମାମା ନାଏକ, ପ୍ରଭାସିନୀ ନାଏକ, ପ୍ରଜ୍ଞା ପରମିତା ନାଏକ, ସପ୍ତଶଯ୍ୟା ପଞ୍ଚାୟତର ପୂର୍ବତନ ସରପଞ୍ଚ ଲୁଲୁ ସାହୁ ଏବଂ ଠିକାଦାର ପ୍ରଦୀପ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ମୁଖ୍ୟମନ୍ତ୍ରୀ, ଏମ୍‌ପି ମହେଶ ସାହୁ, ବିଧାୟକ ସୁଧୀର କୁମାର ସାମଲଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଅଭିକର୍ତ୍ତା ମହାସଂଘ ସାଧାରଣ ଅଧିବେଶନ

ଢେଙ୍କାନାଳ,୨୪।୯(ରତନ ନାୟାର)

ଢେଙ୍କାନାଳ ଜିଲା ଜୀବନବୀମା ନିଗମ ଅଭିକର୍ତ୍ତା ମହାସଂଘର ୩୦ତମ ବାର୍ଷିକ ଅଧିବେଶନ ସ୍ଥାନୀୟ ଗୋପବନ୍ଧୁ ଟାଉନ୍ ହଲ୍ ଠାରେ ରବିବାର ପାଳିତ ହୋଇଯାଇଛି। ଏହି ଅଧିବେଶନରେ ସର୍ବଭାରତୀୟସ୍ତରର ସଭାପତି ଶ୍ୟାମଳ ଚକ୍ରବର୍ତ୍ତୀ, ସର୍ବଭାରତୀୟ ସାଧାରଣ ସମ୍ପାଦକ ଶ୍ରୀନିବାସ ଚାରୀ, ଜୋନାଲ ବାବାଜୀ ସିଂ, ସମ୍ପାଦକ ଶୁଭେନ୍ଦୁ ପଟ୍ଟନାୟକ ଏବଂ ସମସ୍ତ ମଣ୍ଡଳ ସଭାପତି, ସମ୍ପାଦକ ଏବଂ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ଶାଖା ମୁଖ୍ୟ ପ୍ରବନ୍ଧକ ପି. ସୁଜିତ କୁମାର ଯୋଗ ଦେଇଥିଲେ। ଦିବଂଗତ ଅଭିକର୍ତ୍ତାଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାଥନା କରାଯାଇଥିଲା। ଉଦୟ ନାଥ ମହାନ୍ତି, ସଭାପତି ଶଙ୍କର ରଥ, ସମ୍ପାଦକ ଗୋବିନ୍ଦ ଶତପଥୀ, କୋଷାଧ୍ୟକ୍ଷ ବୈକୁଣ୍ଠ ସାହୁ, ଉପସଭାପତି ରମେଶ ସାମଲ, ଶ୍ରୀକାନ୍ତ ଦାସ, ସହ ସମ୍ପାଦକ ଅରୁଣ ସାହୁ, ପ୍ରଶାନ୍ତ ଓଝା, ନଗେନ ଧଳ ଏବଂ ଶାଖାର ସମସ୍ତ ଅଭିକର୍ତ୍ତା ବନ୍ଧୁ ସହଯୋଗ କରିଥିଲେ।




ଜୀବନବୀମା ନିଗମ ଅଭିକର୍ତ୍ତା ମହାସଂଘର ଅଧିବେଶନରେ ମଞ୍ଚାସୀନ କର୍ମକର୍ତ୍ତାମାନେ।

## ଆଡ଼ମ୍ବରରେ ହେବ ଐତିହାସିକ ବଳଦଯାତ୍ରା

ଭୁବନ,୨୪।୯(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବାସୀଙ୍କ ପକ୍ଷରୁ ରବିବାର ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଚଳିତ ବର୍ଷ ଐତିହାସିକ ବଳଦଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିରଞ୍ଜନ ପୃଷ୍ଟି ସଭାପତିତ୍ୱ କରିଥିଲେ। ବରିଷ୍ଠ ଆଇନଜୀବୀ କୁଞ୍ଜବିହାରୀ ଚିନରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଚଳିତ ବର୍ଷ ଭୁବନର ବଳଦଯାତ୍ରା ସମ୍ପର୍କରେ ଉପସ୍ଥିତ କର୍ମକର୍ତ୍ତାମାନେ ଯୋଗଦେଇ ନିଜ ନିଜର ମତ ପ୍ରକାଶ କରିଥିଲେ। ଚଳିତବର୍ଷ ଯାତ୍ରାକୁ ଆଡ଼ମ୍ବର ସହକାରେ ପାଳନ କରିବା ପାଇଁ ବୈଠକରେ ସ୍ଥିର ହୋଇଥିଲା। ଏହି ଅବସରରେ ଦିଲୀପ କୁମାର ଦାସଙ୍କୁ ନୂତନ ଯାତ୍ରା ପରିଚାଳନା ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ନଗରପାଳ ଶୁଭେନ୍ଦୁ କୁମାର ସାହୁ ତାଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଭୁବନର ବରିଷ୍ଠ କର୍ମକର୍ତ୍ତା ସମୀର କୁମାର ସାହୁ, ଅଜୟ କୁମାର ସେଠୀ, ନରେନ୍ଦ୍ର କୁମାର ସାହୁ, ଭଗବାନ ଗୁରୁ, ବାସୁଦେବ ଗୁରୁ, ରାମଚନ୍ଦ୍ର ନାୟକ, ପବିତ୍ରମୋହନ ସାହୁ, ଅଚ୍ୟୁତ ମଳିକ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ୪୦ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଐତିହାସିକ ବଳଦଯାତ୍ରା ପାଇଁ ଜଗନ୍ନାଥ ମନ୍ଦିର ପରିସରରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

# ମନ୍ଦିର ପୁନରୁଦ୍ଧାର ପାଇଁ ୪ ଲକ୍ଷ ମଞ୍ଜୁର

**ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଆଲତୁମା ଗ୍ରାମବାସୀ**

କାମାକ୍ଷାନଗର,୨୪।୯(ଅମଜାଦ ଖାନ)

ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍‌ଏସି ଅନ୍ତର୍ଗତ ଆଲତୁମା ଗ୍ରାମରେ ଥିବା ୫ଶହ ବର୍ଷରୁ ଅଧିକ ପୁରାତନ ଦଧିବାମନ ଜୀଉ ମନ୍ଦିରର ପୁନରୁଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ମଞ୍ଜୁର କରିଛନ୍ତି। ଏହାକୁ ନେଇ ମନ୍ଦିର କମିଟି ଓ ଗ୍ରାମବାସୀ ସନ୍ତୋଷ ପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

ପ୍ରକାଶ ଯେ, ରାଜ୍ୟ ସରକାରଙ୍କ ୫-ଟି ସଚିବ ଭି.କେ. ପାଣ୍ଡିଆନ ୨ମାସ ପୂର୍ବେ କାମାକ୍ଷାନଗର ସାରଙ୍ଗଧର ଷ୍ଟାଡିୟମକୁ ଜନଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା ବେଳେ ଦଧିବାମନ ଜୀଉ ମନ୍ଦିରର ଉନ୍ନତୀକରଣ ପାଇଁ ଆର୍ଥିକ ସହାୟତା ଯୋଗାଇଦେବାକୁ ମନ୍ଦିର କମିଟି ତରଫରୁ ନିବେଦନ କରାଯାଇଥିଲା। ଏହାପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଲତୁମା ଦଧିବାମନ ଜୀଉ ମନ୍ଦିର ପୁନରୁଦ୍ଧାର ପାଇଁ ୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ରାଶି ମଞ୍ଜୁର କରିଛନ୍ତି। ଏହା ଜଣାପଡ଼ିବା ପରେ ଆଲତୁମା ଗାଁ ତରଫରୁ ଗ୍ରାମସଭା ସଭାପତି ବ୍ରହ୍ମାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଦଧିବାମନ ଜୀଉ ମନ୍ଦିର ପ୍ରାଙ୍ଗଣରେ ଶନିବାର ଏକ କୃତଜ୍ଞତା ସଭାର ଆୟୋଜନ କରାଯାଇଥିଲା। ଏଥିରେ କାମାକ୍ଷାନଗର ନଗରପାଳ ଧର୍ମାନନ୍ଦ ପରିଡ଼ା ସରକାରଙ୍କ ପ୍ରତିନିଧି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ସଞ୍ଜୟ ପରିଡ଼ା ଓ ପ୍ରମୋଦ କୁମାର ଷେଣ୍ଢ, ଗ୍ରାମ ଉପସଭାପତି ସନ୍ତୋଷ ମହାନ୍ତି, ସମ୍ପାଦକ ମଧୁସୂଦନ ଷେଣ୍ଢ, ଦଧିବାମନ ଜୀଉ ମନ୍ଦିର କମିଟି ସଭାପତି ଦୁଷ୍ମନ୍ତ କୁମାର ନନ୍ଦ, କମିଟି ସମ୍ପାଦକ ହେମନ୍ତ କୁମାର ଦାସ ଓ ବାଳକୃଷ୍ଣ ନାୟକ, ଗ୍ରାମ କମିଟି ଓ ମନ୍ଦିର କମିଟି ପଦାଧିକାରୀ ରାସବିହାରୀ ମହାନ୍ତି, ମନ୍ମଥ ନାଥ, ଶରତ ଚନ୍ଦ୍ର ନାଥ, ନରେଶ ଚନ୍ଦ୍ର ମହାରଣା, ଶୁଭ୍ରାଂଶୁ ମହାନ୍ତି, ବୀରେନ ମହାନ୍ତି, ରଙ୍କନିଧି କବି, ଲିଟୁ ମହାନ୍ତି, ଟିକନ ପଟ୍ଟନାୟକ, ବଳିଆ ବାରିକ ପ୍ରମୁଖ ଉପସ୍ଥିତ ରହି ନଗରପାଳ ପରିଡାଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ସଚିବ, କାମାକ୍ଷାନଗର ବିଧାୟକ ତଥା ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କୁ କୃତଜ୍ଞତା ଜଣାଇଥିଲେ।



ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ କୃତଜ୍ଞତା ସଭାରେ ଉପସ୍ଥିତ ଜନପ୍ରତିନିଧି, ଗ୍ରାମବାସୀ ଓ ମନ୍ଦିର କମିଟି କର୍ମକର୍ତ୍ତା।

## ଅପହୃତ ନାବାଳକ ପାଲଲହଡ଼ାରୁ ଉଦ୍ଧାର

ଅନୁଗୋଳ,୨୪।୯(ଅମିତ ସାମଲ)

ଅନୁଗୋଳ ସହରରୁ ଅପହରଣ ହୋଇଥିବା ଜଣେ ନାବାଳକଙ୍କୁ ଅନୁଗୋଳ ପୋଲିସ ରବିବାର ପାଲଲହଡ଼ାରୁ ଉଦ୍ଧାର କରିଛି। ଏହି ଘଟଣାରେ ପୋଲିସ ଦେବଗଡ଼ ଜିଲା ହାତୀଶାଳସାହିର ଅକ୍ଷୟ ଠାକୁର (୨୪)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ପୋଲିସ କହିଛି, ନାବାଳକ ଜଣଙ୍କ ଅନୁଗୋଳ ସହରର ରାଧାରମଣପଡ଼ାରେ ପରିବାର ଲୋକଙ୍କ ରହୁଥିଲେ। ଅକ୍ଷୟ ସମ୍ପୃକ୍ତ ନାବାଳକଙ୍କୁ ବୁଲିବାକୁ ଡାକି ଅପହରଣ କରି ନେଇଥିଲେ। ଏ ନେଇ ନାବାଳକଙ୍କ ପରିବାର ଲୋକେ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୪୪୬/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ପୂର୍ବରୁ ମଧ୍ୟ ଅକ୍ଷୟ ସମ୍ପୃକ୍ତ ନାବାଳକଙ୍କୁ ଗତ ଅଗଷ୍ଟ ମାସରେ ଅପହରଣ କରି ଦେବଗଡ଼ରେ ରଖିଥିଲେ। ଥାନାରେ ଅଭିଯୋଗ ହେବା ପରେ ପୋଲିସ ଅକ୍ଷୟଙ୍କୁ ପଚରାଉଚରା କରିବା ପରେ ସେ ତାଙ୍କୁ ଛାଡ଼ି ଦେଇଥିଲେ। ଅକ୍ଷୟ ଜଣେ କିନ୍ନର ହୋଇଥିବାବେଳେ ବିଭିନ୍ନ ସ୍ଥାନରେ ନାଚ କରିଥାନ୍ତି। ସେ ନାବାଳକଙ୍କୁ ନେଇ ଉକ୍ତ କାର୍ଯ୍ୟରେ ନିୟୋଜିତ କରିବାକୁ ଯୋଜନା କରୁଥିବା ଅନୁଗୋଳ ଥାନା ପକ୍ଷରୁ ସୂଚନା ଦିଆଯାଇଛି।

## ହଣ୍ଡପା ଥାନା ଘେରିଲେ ଗ୍ରାମବାସୀ

- ଯୁବକଙ୍କୁ ଫାଣ୍ଡି ଅଧିକାରୀଙ୍କ ମାଡ଼ ଅଭିଯୋଗ
- ଗୁଣ୍ଡୁରୀମୁଣ୍ଡା ଗ୍ରାମରେ ଉତ୍ତେଜନା

ବଇଣ୍ଡା,୨୪।୯(ପରିକ୍ଷିତ ସାହୁ)

ଥାନା ନିକଟ ଅଳିଆ ଗଦାରେ ପରିସ୍ରା କରିବାରୁ ମାଡ଼ ମାରିଛି ପୋଲିସ। ଅନୁଗୋଳ ଜିଲା ହଣ୍ଡପା ଥାନା ଗୁଣ୍ଡୁରୀମୁଣ୍ଡା ଗ୍ରାମର ବେଲାରସେନ ବେହେରା ଶନିବାର ବଇଣ୍ଡା ଫାଣ୍ଡି ଅଧିକାରୀ ସ୍ମୃତିରଞ୍ଜନ ନାୟକଙ୍କ ବିରୋଧରେ ଏପରି ଅଭିଯୋଗ ଆଣିବା ସହ ରବିବାର ହଣ୍ଡପା ଥାନାରେ ଏତଲା ଦେଇଛନ୍ତି। ଏହି ଘଟଣାକୁ ନେଇ ଗୁଣ୍ଡୁରୀମୁଣ୍ଡା ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଛି। ପ୍ରତିବାଦରେ ଗୁଣ୍ଡୁରୀମୁଣ୍ଡା ଗ୍ରାମର ଶତାଧିକ ମହିଳାପୁରୁଷ ହଣ୍ଡପା ଥାନା ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏ ନେଇ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ


ଗୁଣ୍ଡୁରୀମୁଣ୍ଡା ଗ୍ରାମବାସୀ ହଣ୍ଡପା ଥାନା ଘେରାଉ କରିଛନ୍ତି।

ଉଦ୍ଦେଶ୍ୟରେ ହଣ୍ଡପା ଥାନା ଅଧିକାରୀଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଏହାର ଏକ ନକଲ ପୋଲିସ ଡିଜି, ୫-ଟି ସଚିବ, ଅନୁଗୋଳ ଜିଲାପାଳ, ଏସ୍‌ପି, ଆଠମଲ୍ଲିକ ଏସ୍‌ଡିପିଓଙ୍କୁ ପ୍ରଦାନ କରାଯାଇଛି।

ଗ୍ରାମବାସୀ କହିଛନ୍ତି, ଗ୍ରାମରେ ପୂଜା ଚାଲିଥିବାବେଳେ ବେଲାରସେନ ପୂଜା ସାମଗ୍ରୀ ପାଇଁ ହଣ୍ଡପା ଅଞ୍ଚଳକୁ ଯାଇଥିଲେ। ସେଠାରେ ତାଙ୍କୁ ପରିସ୍ରା ଲାଗିବାରୁ ହଣ୍ଡପା ଥାନା ନିକଟରେ ଥିବା ଅଳିଆଗଦାରେ ପରିସ୍ରା କରିଥିଲେ। ଏହି ସମୟରେ ହଣ୍ଡପା ଥାନାରେ କାର୍ଯ୍ୟ କରୁଥିବା ବଇଣ୍ଡା ଫାଣ୍ଡି ଅଧିକାରୀ ସ୍ମୃତିରଞ୍ଜନ ନାୟକ ବେଲାରସେନଙ୍କୁ ଥାନା ନିକଟରେ ଅଟକାଇ କାହିଁକି ପରିସ୍ରା କରିଲୁ ବୋଲି କହି ମାଡ଼ ମାରିଥିଲେ। ଏପରିକି ତାଙ୍କୁ ଜାତିଆଣ ଆକ୍ଷେପ କରିବା ସହ ମିଥ୍ୟା କେସ କରି ଗିରଫ କରିବା ପାଇଁ ଧମକ ମଧ୍ୟ ଦେଇଥିଲେ। ପୋଲିସର ଏପରି ବର୍ବରତାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ଗ୍ରାମବାସୀ ଥାନା ଘେରାଉ କରି ଆନ୍ଦୋଳନ କରିଥିଲେ। ତୁରନ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ଗିରଫ କରିବା ସହ ତାଙ୍କୁ ଜିଲା ବାହାରକୁ ବଦଳି କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ହଣ୍ଡପାଠାରେ ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ବଇଣ୍ଡା ଫାଣ୍ଡି ଅଧିକାରୀ ସ୍ମୃତିରଞ୍ଜନ ନାୟକ କହିଛନ୍ତି, କାହାରିକୁ ମାଡ଼ ମାରିନାହିଁ।

## ପୁନା ଚୁକ୍ତି ସମ୍ପର୍କିତ ଆଲୋଚନାଚକ୍ର

ବଅଁରପାଳ,୨୪।୯(ଉପେନ୍ଦ୍ର ରାଉତ)

ନାଲ୍‌କୋ ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସଂଘ ଆନୁକୂଲ୍ୟରେ ରବିବାର ପୁନା ଚୁକ୍ତି ଦିବସ ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସଭାପତି କେଦାରନାଥ ଦେହୁରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ବୌଦ୍ଧର ସାମାଜିକ କର୍ମକର୍ତ୍ତା ଧୀମାନ ପ୍ରଶାନ୍ତ କୁମାର, ସମ୍ମାନିତ ଅତିଥି ଭାବେ ଅନୁଗୋଳର ବରିଷ୍ଠ ଆଇନଜୀବୀ ପ୍ରତାପ କୁମାର ନାଏକ ଯୋଗ ଦେଇଥିଲେ। ପୁନା ଚୁକ୍ତିର ତାତ୍ପର୍ଯ୍ୟ, ସମାଜ ଉପରେ ତାହାର ପ୍ରଭାବ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ସଂଘର ସମ୍ପାଦକ ବନବିହାରୀ ନାଏକ ସ୍ୱାଗତ ଭାଷଣ ଦେଇଥିଲେ। ସାଙ୍ଗଠନିକ ସମ୍ପାଦକ ଅକ୍ଷୟ କୁମାର ବଦ୍ରା, ଯଦୁନାଥ ପ୍ରଧାନ, ରୋହିତଚନ୍ଦ୍ର ନାଏକ, ରାଜେନ୍ଦ୍ର ନାଏକ, ଉପେନ୍ଦ୍ର ବେହେରା, ରାଜକୁମାର ବେହେରା, ମନୋରଞ୍ଜନ ମଲିକ ପ୍ରମୁଖ ସହଯୋଗ କରିଥିଲେ। ରବୀନ୍ଦ୍ରନାଥ ନାଏକ ଧନ୍ୟବାଦ ଦେଇଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

## ପଦଯାତ୍ରା ସମ୍ପର୍କରେ ଆଲୋଚନା


ବୈଠକରେ ବ୍ଲକ ଉପାଧ୍ୟକ୍ଷଙ୍କ ସମେତ ବିଜେଡି ନେତାମାନେ।

ବଇଣ୍ଡା,୨୪।୯(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକର ୧୨ ନମ୍ବର ଜୋନରେ ବିଜୁ ଜନତା ଦଳ ପକ୍ଷରୁ ପଦଯାତ୍ରା ଅନୁଷ୍ଠିତ ହେବ। ଏ ନେଇ ଦଳ ପକ୍ଷରୁ ରବିବାର କିଶୋରନଗର ବ୍ଲକ ନାକିଚିଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଉପାଧ୍ୟକ୍ଷ ଲବ କୁମାର ପ୍ରଧାନ, ବିଜେଡି ନେତା ସରୋଜ ରାଉଳ, ନାରାୟଣ ମାଝି, ଜିତେନ୍ଦ୍ର ସାହୁ, ରଞ୍ଜନ କୁମାର ସାହୁ, ପ୍ରିୟରଞ୍ଜନ ବେହେରା, ଦାମୋଦର ବେହେରା, ଲମ୍ବୋଦର ସାହୁ, ଅବନୀ ବିଶ୍ୱାଳ, ଭୁବନ ପ୍ରଧାନ, ପଞ୍ଚାନନ ମିର୍ଦ୍ଧା, ବିଶ୍ୱନାଥ ମାଝି, ଆରୁଣୀ ଆଚାର୍ଯ୍ୟଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ। କିଭଳି ଶାନ୍ତି ଶୃଙ୍ଖଳାର ସହିତ ପଦଯାତ୍ରା ଅନୁଷ୍ଠିତ ହେବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଭିନ୍ନ ଗ୍ରାମରେ ଏହି ପଦଯାତ୍ରା କରାଯିବା ନିମନ୍ତେ କାର୍ଯ୍ୟକ୍ରମ ସ୍ଥିର କରାଯାଇଥିଲା।

## ମୋ ମାଟି ମୋ ସ୍ୱାଭିମାନ ଯାତ୍ରା

କଣିହାଁ,୨୪।୯ (ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ବଜ୍ରକୋଟ ପଞ୍ଚାୟତରେ ରବିବାର ଭାଜପା ତରଫରୁ ମୋ ମାଟି ମୋ ସ୍ୱାଭିମାନ ଯାତ୍ରା ଅନୁଷ୍ଠିତ ହୋଇଛି। କଳସରେ ବିଭିନ୍ନ ଦେବଦେବୀ ପୀଠରୁ ପୂଣ୍ୟ ମାଟି ସଂଗ୍ରହ ପରେ ଅନେକ ସୁନାମଧନ୍ୟ ପରଲୋକଗତଙ୍କ ପରିବାର ବର୍ଗରୁ ସ୍ୱାଭିମାନ ମାଟି ସଂଗ୍ରହ କରାଯାଇଥିଲା। ଭାଜପା ଜିଲା ଉପ ସଭାପତି ନୃସିଂହ ବରାଳ, ମଣ୍ଡଳ କାର୍ଯ୍ୟକର୍ତ୍ତା ତ୍ରିପୁରାରୀ ପ୍ରଧାନ, ସୁଧାକର ସାହୁ, ଦିବାକର ପ୍ରଧାନ, ଟଙ୍କ ଜେନା, ରମେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ନୂତନ ଶ୍ରେଣୀଗୃହ, ଛାତ୍ରୀନିବାସ ଉଦ୍‌ଘାଟିତ

ଅନୁଗୋଳ,୨୪।୯(ଅମିତ କୁମାର ସାମଲ)

ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଓଡ଼ିଶା ଉଚ୍ଚଶିକ୍ଷା ଗୁଣାତ୍ମକ ବିକାଶ ଯୋଜନାରେ ନିର୍ମିତ ନୂତନ ଶ୍ରେଣୀଗୃହ ଓ ଛାତ୍ରୀନିବାସ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଅତିଥିଭାବେ ଓଡ଼ିଶା ବିଧାନସଭାର ଉପ ବାଚସ୍ପତି ତଥା ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ଓ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ. ଗଙ୍ଗାଧର କର, କାର୍ଯ୍ୟନିର୍ବାହୀ କମିଟି ଅଧ୍ୟକ୍ଷ ବିଭୂତି ଭୂଷଣ ମହାପାତ୍ର, ସଦସ୍ୟ କୁମୁଦ ଚନ୍ଦ୍ର ଦାଶ, କୋଠା ନିର୍ମାଣ ସଂଯୋଜକ ଡ. ଚିତ୍ତରଞ୍ଜନ ସାହୁ, ଓଏଚ୍‌ଇପିଇର ସଂଯୋଜକ ଡ.


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଉପ ବାଚସ୍ପତି ଓ ମନ୍ତ୍ରୀଙ୍କ ସମେତ ଅନ୍ୟମାନେ।

ନୀଳାଞ୍ଚଳ ପଟେଲ, ସତ୍ୟସୁନ୍ଦର ମିଶ୍ର, ନୂତନ ଛାତ୍ରୀନିବାସ ତତ୍ତ୍ୱାବଧାରିକା ଶାଶ୍ୱତୀ ଶୁଭଦର୍ଶିନୀ, ରେସିଡେନସିଆଲ କମିଟି ସମ୍ପାଦିକା ରୀନା ମାରାଣ୍ଡି ଏବଂ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ମହାବିଦ୍ୟାଳୟରେ ନିର୍ମାଣ ହୋଇଥିବା ଏକ ନୂତନ ସ୍ମାର୍ଟ ଶ୍ରେଣୀଗୃହର ଉଦ୍‌ଘାଟନ କରାଯାଇଥିଲା।

## ଓଡ଼ିଆ ମହିଳା ଆଇନଜୀବୀ ଆମେରିକାରେ ସମ୍ବର୍ଦ୍ଧିତ

ଢେଙ୍କାନାଳ,୨୪।୯(ରତନ ନାୟାର)

ଓଡ଼ିଆ ମହିଳା ଓକିଲ ସୁଚିସ୍ମିତା ଭୂୟାଁଙ୍କୁ ଆମେରିକାନ ଇଷ୍ଟକୋଷ୍ଟ ୟୁନିଭରସିଟି ପକ୍ଷରୁ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଛି। ସୁଚିସ୍ମିତା ୨୦୦୦ ମସିହାରୁ ଭାରତର ସୁପ୍ରିମକୋର୍ଟରେ ଆଇନଜୀବୀ ଭାବେ ଅଭ୍ୟାସ କରୁଛନ୍ତି। ତାଙ୍କୁ ଆଇନ ଓ ପବ୍ଲିକ ଆଡମିନିଷ୍ଟ୍ରେଶନ ପାଇଁ ଏହି ଡିଗ୍ରୀ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ସୁଚିସ୍ମିତା କହିଛନ୍ତି, ଏହି ସମ୍ମାନ ପ୍ରେରଣାର ଉତ୍ସ। ସୂଚନାଯୋଗ୍ୟ, ସୁଚିସ୍ମିତା ଢେଙ୍କାନାଳ ମହିଳା କଲେଜର ପୂର୍ବତନ ଛାତ୍ରୀ ସଂସଦ ଉପସଭାପତି ଥିଲେ। ସେ ଛାତ୍ର ରାଜନୀତିରେ ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।



ମହିଳା ଆଇନଜୀବୀ ସୁଚିସ୍ମିତା ଭୂୟାଁ।

## କେପି ସିଂହଦେଓଙ୍କୁ ସୋମନାଥ ସିଂ ଜଗଦ୍ଦେବ ସମ୍ମାନ


କେପି ସିଂହଦେଓଙ୍କୁ ସୋମନାଥ ସିଂ ଜଗଦ୍ଦେବ ସମ୍ମାନ ପ୍ରଦାନ କରାଯାଉଛି।

ଢେଙ୍କାନାଳ,୨୪।୯(ରତନ ନାୟାର)

ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଢେଙ୍କାନାଳର ରାଜା ବ୍ରିଗେଡିୟର କାମାକ୍ଷା ପ୍ରସାଦ ସିଂହଦେଓଙ୍କୁ ରବିବାର ଭାରତର ଶେଷ ସ୍ୱାଧୀନ ରାଜା ସୋମନାଥ ସିଂ ଜଗଦ୍ଦେବ ସମ୍ମାନ ପ୍ରଦାନ କରାଯାଇଛି। ଅନୁଗୋଳ ସୋମନାଥ ସିଂ ଜଗଦେବ ସ୍ମୃତି କମିଟି ପକ୍ଷରୁ ୨୦୨୩ ମସିହା ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଢେଙ୍କାନଳ ରାଜପ୍ରସାଦରେ ଆୟୋଜିତ ଏକ ଉତ୍ସବରେ ସ୍ମୃତି କମିଟିର ପ୍ରତିଷ୍ଠାତା, ଅନୁଗୋଳ ଓ ତାଳଚେରର ରାଜଗୁରୁ ଗୋବିନ୍ଦ ରାୟଗୁରୁ, ସମ୍ପାଦକ ବନବିହାରୀ ପଟ୍ଟନାୟକ, କୋଷାଧ୍ୟକ୍ଷ ହେମନ୍ତ କୁମାର ଦାସ ପ୍ରମୁଖ କେପି ସିଂହଦେଓଙ୍କୁ ମାନପତ୍ର ସହ ତାଙ୍କୁ ଏବଂ ରାଣୀ ସାବିତ୍ରୀ ଦେବୀଙ୍କୁ ଅଙ୍ଗବସ୍ତ୍ର ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦଧିଚି ସଙ୍ଗଠିକା ବିଶିଷ୍ଟ ସାମାଜିକ କର୍ମୀ ଶୈଳବାଳା ମିଶ୍ର, ସ୍ମୃତି କମିଟିର ଆଜୀବନ ସଭ୍ୟ କଳିଙ୍ଗ କେଶରୀ ପ୍ରଭାସ ସାହୁ, ଯୁବରାଜ ଅମରଜ୍ୟୋତି ସିଂହଦେଓଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

## ୮୬ ୟୁନିଟ୍ ରକ୍ତ ସଂଗ୍ରହ

କଣିହାଁ,୨୪।୯(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ମହକୁମାସ୍ଥିତ ଭାରତ ନିର୍ମାଣ ରାଜୀବଗାନ୍ଧି ସେବାକେନ୍ଦ୍ରଠାରେ ଅନୁଗୋଳ ଜିଲା ଉତ୍କଳ ସମ୍ବାଦିକ ସଂଘ କଣିହାଁ ଶାଖା ତରଫରୁ ଶନିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ରଞ୍ଜନ ସାହୁ, ଏମ୍‌ପିଙ୍କ ପ୍ରତିନିଧି ନିର୍ମଳ ସାହୁ, ସରପଞ୍ଚ ରଞ୍ଜିତା ବେହେରା, କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ଅଧିକାରୀ ସୁମନ୍ତ ପଟେଲ, ଭାଜପା ନେତା ଅଶୋକ ମହାନ୍ତି, କଣିହାଁ ଯୁକ୍ତ ୨ କଲେଜ ଅଧ୍ୟକ୍ଷ ମଦନମୋହନ ମହାନ୍ତି, ଅଧ୍ୟାପକ ସତ୍ୟ ନାରାୟଣ ପରିଡା, ସାମାଜିକ କର୍ମୀ ଅଜୟ ରାଏ, ଶିବପ୍ରସାଦ ରାଉତ, ଦେବେନ୍ଦ୍ର ବାରିକ, ତ୍ରିପୁରାରୀ ପ୍ରଧାନ, ଶାନ୍ତିଲତା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ୮୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଲକ୍ଷ୍ମୀନାରାୟଣ ୟୁଥ କ୍ଲବ, ଆକ୍ଟିଭ ମିଡିଆ ସଂଘ, ଡ୍ରାଇଭର ମହାସଂଘ, ରାଧାକୃଷ୍ଣ କ୍ଲବ, ଗ୍ରାମବିକାଶ ଟ୍ରଷ୍ଟ, ଏନ୍‌ଟିପିସି କଣିହାଁ ପ୍ରକଳ୍ପ, ବିଜିଗୋଳ ସୁରକ୍ଷା ସଂଘ ଓ ଗୋପାଳ ସଂଘ ପ୍ରମୁଖ ସହଯୋଗ କରିଥିଲେ।


ଶିବିରରେ ଉପସ୍ଥିତ ଅତିଥିମାନେ।

## ଧୁମ୍‌ଧାମରେ ବିଶ୍ୱନିର୍ମାତାଙ୍କୁ ଦିଆଗଲା ବିଦାୟ

ବଅଁରପାଳ,୨୪।୯ (ଉପେନ୍ଦ୍ର ରାଉତ)

ନାଲକୋନଗରରେ ଚାଲିଥିବା ବିଶ୍ୱକର୍ମା ପୂଜା ରବିବାର ଉଦ୍‌ଯାପିତ ହୋଇଯାଇଛି। ଚଳିତ ବର୍ଷ ୨୦ଟି ମେଢ ଅନୁଷ୍ଠିତ ହୋଇଥିଲା। ସେଥିମଧ୍ୟରୁ ୭ ମଣ୍ଡପର ମେଢ଼ ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିଲା। ଡିଜେ ସାଉଣ୍ଡ ସାଙ୍ଗକୁ ଢୋଲ ଓ ଅନ୍ୟାନ୍ୟ ବାଦରେ ସମଗ୍ର ଆଲୁମିନିୟମ ନଗରୀ ପ୍ରକମ୍ପିତ ହୋଇପଡିଥିଲା। ଅପରାହ୍ନରେ ଅତିଥି ନିବାସରୁ ଶୋଭାଯାତ୍ରା ବାହାରିଥିଲା। ସନ୍ଧ୍ୟାରେ ଆଲୋକମାଳାରେ ନାଲକୋନଗର ଝଲସି ଉଠିଥିଲା। ସନ୍ଧ୍ୟା ୭ଟା ସୁଦ୍ଧା ସମସ୍ତ ପୂଜା ମଣ୍ଡପ ଗିରଙ୍ଗ ଛକରେ ପହଞ୍ଚିବା ସହ ନିକଟସ୍ଥ ଜଳାଶୟରେ ପ୍ରଭୁଙ୍କୁ ବିସର୍ଜନ କରାଯାଇଥିଲା। ଭସାଣିକୁ ଶୃଙ୍ଖଳିତ କରିବାକୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।



ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିବା ବିଶ୍ୱକର୍ମାଙ୍କ ମେଢ଼।

## ସ୍ୱତନ୍ତ୍ର ପରିଚୟ ପାଇପାରିବେ ଛାତ୍ରୀଛାତ୍ର

**ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା**

ବଇଣ୍ଡା,୨୪।୯ (ପରିକ୍ଷିତ ସାହୁ)

କ୍ରୀଡ଼ା ଦ୍ୱାରା ଛାତ୍ରୀଛାତ୍ରମାନେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ। ତେଣୁ କ୍ରୀଡ଼ାର ବିକାଶ ହେଲେ ଦେଶର ବିକାଶ ହେବ। ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ପାଇକସାହି ହାଇସ୍କୁଲ ପରିସରରେ ରବିବାର କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ଅନୁଷ୍ଠିତ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନୀ ସଭାରେ ଯୋଗ ଦେଇଥିବା ଅତିଥିମାନେ ଏହି ମତ ପ୍ରକାଶ କରିଛନ୍ତି। ଏବିଇଓ କୈବଲ୍ୟ କଅଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ପାଇକସାହି ସରପଞ୍ଚ ନିରୋଜ କାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା କ୍ରୀଡ଼ା ଶିକ୍ଷା ଅଧିକାରୀ ଭିକାରିବନ୍ଧୁ ସାହୁ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଭବାନୀ ଶଙ୍କର ମିଶ୍ର, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁକଦେବ ସାହୁ, ବ୍ଲକ କୋଅର୍ଡିନେଟର ସତ୍ୟବ୍ରତ ସାହୁ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର ମଞ୍ଚାସୀନ ଥିଲେ। ଏହି ପ୍ରତିଯୋଗିତାରେ ୧୯ଟି ବିଦ୍ୟାଳୟର ୨୩୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଖୋଖୋ, କବାଡ଼ି, ଫୁଟବଲ, ଦୌଡ଼କୁଦ ଭଳି ଅନେକ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ବୀରେନ କୁମାର ପ୍ରଧାନ ସଂଯୋଜନା କରିଥିବା ବେଳେ ବିଦ୍ୟାଳୟର ଖେଳ ଶିକ୍ଷୟିତ୍ରୀ ମୋନାଲିସା ସାହୁଙ୍କ ସମେତ ୨୦ ଜଣ କ୍ରୀଡ଼ା ଶିକ୍ଷକ ଖେଳ ପରିଚାଳନା କରିଥିଲେ।


ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଖେଳାଳିମାନଙ୍କ ସହ ଅତିଥିମାନେ।

